# ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ,

# କାମାକ୍ଷାନଗର ।

## ସର୍ବସାଧାରଣ ନୋଟିସ୍

ନୋଟିସ୍ ନଂ 520 //                                                                                     ତା 07/03/24 //

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ଥିବା ସୈରାତ, ହାଟ, ଅନ୍ୟାନ୍ୟ ସଂପତ୍ତି ଗୁଡିକ ନିମ୍ନଲିଖିତ ସମୟ ପାଇଁ ପରିଚାଳନା ପାଇଁ ଲିଜ୍ ଦେବା ନିମନ୍ତେ ଆସନ୍ତା **ତା.୧୩.୦୩.୨୦୨୪ ରିଖ ବୁଧବାର** ଦିନ ଅପରାହ୍ନ **ଘ.୦୧.୦୦ଘଣ୍ଟା ଠାରୁ ଅପରାହ୍ନ ଘ.୦୨.୦୦ଘଣ୍ଟା** ସମୟ ପର୍ଯ୍ୟନ୍ତ ଜଉମୁଦ ଟେଣ୍ଡର ଗ୍ରହଣ କରାଯିବ ଓ ଅପରାହ୍ନ ଘଟିକା ଘ.୦୩.୩୦ଘଣ୍ଟା ସମୟରେ ଟେଣ୍ଡର ଖୋଲାଯିବ। ଟେଣ୍ଡରରେ ଭାଗ ନେବାକୁ ଇଚ୍ଛୁକ ଥିବା ବ୍ୟକ୍ତି **ତା.୦୭.୦୩.୨୦୨୪ ରିଖ ପୂର୍ବାହ୍ନ ଘ୧୦.୦୦ଘଣ୍ଟା ଠାରୁ ତା.୧୩.୦୩.୨୦୨୪ ରିଖ ପୂର୍ବାହ୍ନ ଘ.୧୨.୦୦ଘଣ୍ଟା** ମଧ୍ୟରେ ପରିଷଦର କାର୍ଯ୍ୟାଳୟରୁ ନିର୍ଦ୍ଦିଷ୍ଟ ଟେଣ୍ଡର ଫର୍ମ କ୍ରୟ କରିପାରିବେ (ସରକାରୀ ଛୁଟି ଦିବସ ବ୍ୟତୀତ) । ଟେଣ୍ଡର ପକାଇବା ସମୟରେ ନିମ୍ନଲିଖିତ ସର୍ତ୍ତାବଳୀ ପାଳନ କରିବେ ଏବଂ ପରିଷଦର ନିୟମାନୁଯାୟୀ ସଂପତ୍ତି ପରିଚାଳନା କରିବେ ଏବଂ ଫି ଇତ୍ୟାଦି ଆଦାୟ କରିବେ।

୧. ଯଉ ମୁଦ ଟେଣ୍ଡରରେ ଭାଗ ନେବା ବ୍ୟକ୍ତି ନିର୍ଦ୍ଧାରିତ ମୂଲ୍ୟର ୨୦% ପ୍ରତିଶତ ଟଙ୍କା (ଯେଉଁ ସୈରାତ ସଂପତ୍ତି ଗୁଡିକୁ ଟେଣ୍ଡର ନେବାକୁ ଚାହାଁନ୍ତି) ଅର୍ଥାତ୍ ସେହି ସଂପତ୍ତିର ନିର୍ଦ୍ଧାରିତ ଅମାନତ ଟଙ୍କା ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, କାମାକ୍ଷାନଗରଙ୍କ ନାମରେ ବ୍ୟାଙ୍କ୍ ଡ୍ରାଫ୍ଟ ଆକାରରେ ଟେଣ୍ଡର ପେପର ସହିତ ନିର୍ଦ୍ଧାରିତ ଟେଣ୍ଡର ବାକ୍ସରେ ମୁଦ ଲଫାପାରେ ପକାଇବେ । ଯାହାଙ୍କର ଟେଣ୍ଡର ସିଦ୍ଧାନ୍ତ ହେବ ନାହିଁ ତାଙ୍କ ଟଙ୍କା ଫେରସ୍ତ ଦିଆଯିବ ।

୨. ଯେଉଁ ବ୍ୟକ୍ତିଙ୍କ ଉପରେ ପରିଷଦ ପାଉଣା ବକେୟା ଥିବ ସେମାନେ ଟେଣ୍ଡରରେ ଭାଗ ନେଇ ପାରିବେ ନାହିଁ । ଯଦି କରିଥାନ୍ତି ତାହା ଗ୍ରହଣୀୟ ହେବନାହିଁ ।

୩. ଟେଣ୍ଡର ଫର୍ଦ୍ଦ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅନୁମୋଦନ ହେବା ପରେ ଟେଣ୍ଡରଧାରୀ ନୋଟିସ୍ ପାଇବାର ୩ ଦିନ ମଧ୍ୟରେ ନିଜ ଖର୍ଚ୍ଚରେ ପରିଷଦ ସହିତ ଚୁକ୍ତି ସଂପାଦନ କରିବା ସଙ୍ଗେ ସଙ୍ଗେ ସମସ୍ତ ଟଙ୍କା ପରିଷଦ ପାଣ୍ଠିରେ ଦାଖଲ କରିବେ । ତାପରେ ସଂପତ୍ତି ପରିଚାଳନା ନିମନ୍ତେ ହସ୍ତାନ୍ତର କରାଯିବ ।

୪. ଟେଣ୍ଡରଧାରୀ ନିମ୍ନ ସଂପତ୍ତି ପାଇଁ ପରିଷଦ ନିର୍ଦ୍ଧାରିତ ଧାର୍ଯ୍ୟ ଯାଗାରୁ ମାହାସୁଲ ଆଦାୟ କରିବେ ।

କ. **ସୋମବାର ହାଟମହାସୁଲ ଆଦାୟ**- ସୋମବାର ହାଟ ଲିଜ୍ ନେବା ବ୍ୟକ୍ତି ହାଟକୁ ଆସୁଥିବା ସମସ୍ତ ବ୍ୟବସାୟୀଙ୍କୁ ନୂତନ ହାଟ ପାଇଁ ଉଦ୍ଦିଷ୍ଟ ସ୍ଥାନରେ ବସାଇବେ ଏବଂ ଧାର୍ଯ୍ୟ ଦରରେ ମହାସୁଲ ଆଦାୟ କରିବେ । ହାଟ ଦିନ ମୁଖ୍ୟ ରାସ୍ତା ଉପରେ କୌଣସି ବ୍ୟବସାୟୀଙ୍କୁ ବସିବାକୁ ଦିଆଯିବ ନାହିଁ ।

୫. ଦୈବି ଦୁର୍ବିପାକ କିମ୍ବା ଯେ କୌଣସି କାରଣରୁ ଟେଣ୍ଡରଧାରୀ କ୍ଷତି ସହନ୍ତି, ତେବେ ପରିଷଦ ଦାୟୀ ରହିବେ ନାହିଁ, କିମ୍ବା ଟେଣ୍ଡରଧାରୀ କିଛି ଦାବି କରି ପାରିବେ ନାହିଁ । ଏଥି ପାଇଁ କୌଣସି ରିହାତି ଦର୍ଖାସ୍ତ ଗ୍ରହଣୀୟ ହେବ ନାହିଁ ।

୬. ଟେଣ୍ଡରଧାରୀ ପରିଷଦର ନିର୍ଦ୍ଦେଶ ପ୍ରକାରେ ଚୁକ୍ତି ପତ୍ରର ସର୍ତ୍ତାବଳୀ ମୁତାବକ ସଂପତ୍ତି ପରିଚାଳନା କରିବେ । କୌଣସି ସର୍ତ୍ତ ଖିଲାପି କଲେ କିମ୍ବା ନିୟମାନୁଯାୟୀ ସୌରାତ ସଂପତ୍ତି ପରିଚାଳନା ନକରିଲେ ଟେଣ୍ଡର ରଦ୍ଦ କରାଯିବା ସଙ୍ଗେ ସଙ୍ଗେ ଅମାନତ ଟଙ୍କା ବ୍ୟାଜ୍ୟାପ୍ତି କରାଯିବ । ଏଥି ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୭. ଟେଣ୍ଡରକାରୀ ଯେ କୌଣସି ଟେଣ୍ଡର ସର୍ବୋଚ୍ଚ ମୂଲ୍ୟ ଗ୍ରହଣ ନିମନ୍ତେ ବାଧ୍ୟ ନୁହଁନ୍ତି । ସେ ଇଚ୍ଛା କଲେ ବିନା ନୋଟିସରେ କୌଣସି କାରଣ ନଦର୍ଶାଇ ଟେଣ୍ଡର ରଦ୍ଦ କରିପାରିବେ ।

୮· ଟେଣ୍ଡର ତାରିଖ ଦିନ ଅପରାହ୍ନ ଘ·୦୧·୦୦ଘଣ୍ଟା ଠାରୁ  ଅପରାହ୍ନ ଘ·୦୨·୦୦ଘଣ୍ଟା ପର୍ଯ୍ୟନ୍ତ ଟେଣ୍ଡର ଗ୍ରହଣ କରାଯିବ ଓ ଉକ୍ତ ଦିନ ଅପରାହ୍ନ ଘ·୩·୩୦ଘଣ୍ଟା ସମୟରେ ଟେଣ୍ଡର ଦାତା କିମ୍ବା ତାଙ୍କର କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଖୋଲାଯିବ । ଟେଣ୍ଡର ଖୋଲାଯିବା ସମୟରେ ଟେଣ୍ଡରଧାରୀମାନେ ଯଦି ଉପସ୍ଥିତ ନରୁହନ୍ତି ତେବେ ନିୟମାନୁସାରେ ଠିକ୍ ସମୟରେ ଟେଣ୍ଡର ଖୋଲାଯିବ । ଏବାବଦରେ କୌଣସି ପ୍ରକାର ଅଭିଯୋଗ୍ ଟେଣ୍ଡର ଖୋଲା ଯିବା ପରେ ଶୁଣାଯିବ ନାହିଁ ।

୯· ଯେ କୌଣସି କାର୍ଯ୍ୟ ଦିବସରେ ପରିଷଦ କାର୍ଯ୍ୟାଳୟରୁ ନିର୍ଦ୍ଧାରିତ ଟେଣ୍ଡର ଫର୍ମ ଟ·୧୦୦·୦୦ଙ୍କା (ଏକ ଶତ) ଦାଖଲ କରି  ପାଇପାରିବେ ଓ ଟେଣ୍ଡର ସମ୍ବନ୍ଧୀୟ ତଥ୍ୟ ବୁଝି ପାରିବେ ।

| | ସୈରାତର ନାମ | ନିଲାମ କାର୍ଯ୍ୟକାଳ | ଅବଧାରିତ ମୂଲ୍ୟ | ଅମାନତ ମୂଲ୍ୟ |
|---|---|---|---|---|
| ୧· | ସାପ୍ତାହିକ ସୋମବାର ହାଟ | ୨୦୨୪-୨୫ | ଟ·୩,୬୪,୨୧୧·୦୦ | ଟ·୭୨,୮୪୨·୦୦ |
| ୨· | କଂସେଇଖାନା | ୨୦୨୪-୨୫ | ଟ· ୧୧,୨୬୨·୦୦ | ଟ· ୨,୨୫୨·୦୦ |
| ୩· | ମାଛ ମାଂସ ପିଣ୍ଡି | ୨୦୨୪-୨୫ | ଟ· ୧୩,୨୦୦·୦୦ | ଟ· ୨,୬୪୦·୦୦ |

ନିର୍ବାହୀ ଅଧିକାରୀ,
ଏନ୍·ଏ·ସି·, କାମାକ୍ଷାନଗର

ପରିପତ୍ର ସଂଖ୍ୟା 521 // ତା 07/03/24

ଏହାର ଏକକିତା ନକଲ ଜିଲ୍ଲାପାଳ, ଢେଙ୍କାନାଳ/ ଉପ-ଜିଲ୍ଲାପାଳ, କାମାକ୍ଷାନଗର/ ତହସିଲଦାର, କାମାକ୍ଷାନଗର/ B.D.O·,କାମାକ୍ଷାନଗରଙ୍କ ଅବଗତି ତଥା ବହୁଳ ପ୍ରଚାର ପ୍ରସାର ପାଇଁ ନୋଟିସ୍ ବୋର୍ଡରେ ପ୍ରକାଶନ ନିମନ୍ତେ ଅନୁରୋଧ କରାଗଲା ।

Copy to Office Notice Board

ନିର୍ବାହୀ ଅଧିକାରୀ,
ଏନ୍·ଏ·ସି·, କାମାକ୍ଷାନଗର

**Memo No-** 522 // **Dt-** 07/03/24

Copy submitted to the I & PR Department (e-mail:- ipr.advt@gmail.com, iprnews@gmail.com ) with reference to letter No 1078/HUD/ Dt 20.01.2021 for publication of the Advertisement for one day on or before **dt.08.03.2024** with maximum two daily newspapers of minimum font size within the limit of 5000/- rupees each.

**Executive Officer**
**N.A.C., Kamakhyanagar.**

**Memo No-** 523 // **Dt-** 07/03/24

Copy submitted to the D.I.O, NIC, Dhenkanal for kind information with a request to display the same in the District Website for wide publicity.

**Executive Officer**
**N.A.C., Kamakhyanagar.**